# ଆଦିବାସୀ ମେଳା-୨୦୧୬

## ଶେଷ ହେଲା ଆଦିବାସୀ ମେଳା, କାରବାର ସାଢେ ସାତକୋଟି ଟଙ୍କା ଟପିଛି

ରାଜ୍ୟର ଜନଜାତି ଜୀବନର ମହାକୁମ୍ଭ ରୂପେ ପରିଚିତ ଆଦିବାସୀ ମେଳା ମଙ୍ଗଳବାର ସନ୍ଧ୍ୟାରେ ଆଦିବାସୀ ପ୍ରଦର୍ଶନୀ ପଡିଆରେ ଉଦ୍‌ଯାପିତ ହୋଇଯାଇଛି । ଆଦିବାସୀମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ବାସ୍ତବ ଚିତ୍ର ବହନ କରୁଥିବା ଏହି ମେଳା ରାଜଧାନୀ ବାସୀଙ୍କ ପାଇଁ ଆଣି ଦେଇଥିଲା କିଛି ନିଆରା ଅନୁଭୂତି । ବିଶାଳତା, ସାଜସଜ୍ଜା ଓ ମଣ୍ଡପଗୁଡିକର ନିର୍ମାଣ ଶୈଳୀ ସର୍ବୋପରି ଦର୍ଶକମାନଙ୍କର ଆଗ୍ରହକୁ ଲକ୍ଷ୍ୟ କଲେ ଯେ କେହି ନିଃସନ୍ଦେହରେ ମତ ଦେବ ଯେ ଏହି ମେଳା ରାଜଧାନୀବାସୀଙ୍କୁ ଯୋଗାଇ ପାରିଛି ମନଭରି ଆନନ୍ଦ । ପନ୍ଦର ଦିନ ଧରି ପ୍ରତି ସନ୍ଧ୍ୟାରେ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ନୃତ୍ୟ, ସଂଗୀତ ଓ ବାଦ୍ୟ ଯନ୍ତ୍ରର ମଧୁର ମୂର୍ଚ୍ଛନାରେ ଝଙ୍କୃତ ହୋଇ ଉଠିଥିବା ମେଳା ପରିସର ଦର୍ଶକମାନଙ୍କୁ ଯେପରି ଆମୋଦିତ କରିପାରିଥିଲା, ତାହା ରାଜଧାନୀର ସାଂସ୍କୃତିକ ଜୀବନରେ ନିଶ୍ଚିତ ଭାବରେ ଏକ ମାଇଲ ଖୁଣ୍ଟ ହୋଇ ରହିବ । ଚଳିତ ବର୍ଷ ଆଦିବାସୀ ମେଳାରେ ପ୍ରଦର୍ଶିତ ହୋଇଥିବା ଲୋକନୃତ୍ୟ ଗୁଡିକ ସେମାନଙ୍କ ପାରମ୍ପରିକ କଳା ଓ ସଂସ୍କୃତିର ପରିଚୟ ବହନ କରିଥିବା ଭଳି ମନେ ହେଲା ।

ଆଜିର ଉଦ୍‌ଯାପନ ସମାରୋହରେ ବିଭାଗୀୟ କମିଶନର ତଥା ଶାସନ ସଚିବ ସୁରେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭାଗର ପଦସ୍ଥ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମେଳାରେ କୃତିତ୍ୱ ହାସଲ କରିଥିବା ଷ୍ଟଲ ଓ ସଂସ୍ଥା ଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ । ଚଳିତ ବର୍ଷ ମେଳାର ଯେଉଁ ଦିଗଗୁଡିକ ଦର୍ଶକମାନଙ୍କୁ ବିଶେଷ ପ୍ରଭାବିତ ଓ ଆକର୍ଷିତ କରିଥିଲା, ତାହା ହେଉଛି ଲବ୍ଧ ପ୍ରତିଷ୍ଠିତ ଚିତ୍ର ଶିଳ୍ପୀ ଓ କଳାକୃତି ବିଶେଷଜ୍ଞମାନଙ୍କ ପରାମର୍ଶକୁ ଆଧାର କରି ପ୍ରସ୍ତୁତ ହୋଇଥିବା ବେଳେ ମେଳା ପରିସରର ସୌନ୍ଦର୍ଯ୍ୟପୂର୍ଣ୍ଣ ନିର୍ମାଣ ଶୈଳୀ । ଆଦିବାସୀ ମହିଳା ସଶକ୍ତିକରଣ ମନ୍ତ୍ରକୁ ପ୍ରଚାର ଓ ପ୍ରସାର କରିବା ଆଦିବାସୀ ମେଳାର ଅନ୍ୟତମ ଆଭିମୁଖ୍ୟ ଥିଲା । କାରଣ ଅଧିକାଂଶ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୀ କରିବାରେ ମହିଳାମାନେ ବିଶେଷ ଆଗଭର ଥିବାର ଦେଖାଯାଇଥିଲା । ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ କୃଷିଜାତ ସାମଗ୍ରୀ ତଥା ସେମାନଙ୍କ ଦ୍ୱାରା ସଂଗୃହୀତ ଅରଣ୍ୟଜାତ ପ୍ରଦାର୍ଥ ଗୁଡିକର ବହୁଳ ପ୍ରଦର୍ଶନ ଓ ବିକ୍ରୀ ନିମନ୍ତେ ଏହି ମେଳା ଏକ ବଡ ବଜାର ସୃଷ୍ଟି କରିପାରିଥିଲା । ବିଶେଷ କରି ରାଜଧାନୀର ସାଧାରଣ ଓ ସମ୍ଭ୍ରାନ୍ତ ପରିବାରର ମହିଳାମାନେ ମଧ ନିଜର ଘର ସଜାଇବା ଉପକରଣ ଠାରୁ ଆରମ୍ଭ କରି ରୋଷେଇ ସାମଗ୍ରୀ କ୍ରୟ କରିବାକୁ ଷ୍ଟଲଗୁଡିକରେ ଯେପରି ଭିଡ ଜମାଇଥିଲେ, ତାହାର ଏକ ନିଆରା ଅନୁଭୂତି ଆଣିଥିଲା । ପନ୍ଦର ଦିନ ଧରି ଚାଲିଥିବା ମେଳାରେ ସାଢେ ସାତକୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହୋଇଥିବାର ପ୍ରାଥମିକ ଅଟକଳରୁ ଜଣାପଡିଛି ।

ବିଗତ ବର୍ଷଗୁଡିକର ଆଦିବାସୀ ମେଳା ଢାଞ୍ଚାରେ ଆଦିବାସୀ ଜନଜୀବନର ଘଟଣାବଳୀ ଓ ତାହାର ଚିତ୍ର ଏହି ମେଳାରେ ପ୍ରଦର୍ଶିତ ହୋଇଥିବା ବେଳେ ସେମାନଙ୍କ ଜୀବନଧାରା ସହିତ ରାଜ୍ୟର ସାମଗ୍ରିକ ବିକାଶ ଧାରାର ଏକ ସୁନ୍ଦର ଚିତ୍ର ମିଳିଥିଲା ଆଦିବାସୀ ମେଳାରେ । ପନ୍ଦର ଦିନ ଧରି ବେଶ୍ ଚଳଚଞ୍ଚଳ ଓ କୋଳାହଳ ମୁଖର ରହିବା ପରେ ଆଦିବାସୀ ମେଳା ଆସନ୍ତା କାଲିଠାରୁ ଶୁନଶାନ୍ ହୋଇପାରେ ; କିନ୍ତୁ ଏହି ମେଳାର ଯେଉଁ ସୁନ୍ଦର ଅନୁଭୂତି, ଅଭିଜ୍ଞତା ଓ ମନୋରଞ୍ଜନର ଖୋରାକ୍ ଦର୍ଶକ ପାଇ ପାରିଛନ୍ତି, ତାହା ଅନେକ ଦିନଧରି ସେମାନଙ୍କ ସ୍ମୃତିରେ ବଞ୍ଚିରହିବ ବୋଲି ଦର୍ଶକ ମତ ଦେଇଥିଲେ ।